# Visit of External Affairs Minister to Dushanbe for SCO Council of Foreign Ministers' Meeting (July 13-14, 2021)

July 12, 2021

## ସାଂଘାଇ ସହଯୋଗ ସଂଗଠନର ବୈଦେଶିକ ମନ୍ତ୍ରୀସ୍ତରୀୟ ପରିଷଦ ବୈଠକରେ ଯୋଗଦେବା ପାଇଁ ବୈଦେଶିକ ବ୍ୟାପାର ମନ୍ତ୍ରୀଙ୍କ ଦୁଶାନବେ ଗସ୍ତ (13-14 ଜୁଲାଇ 2021)

ଜୁଲାଇ 12, 2021

ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍ ଜୟଶଙ୍କର ତାଜିକିସ୍ତାନର ବୈଦେଶିକ ମନ୍ତ୍ରୀ ମାନ୍ୟବର ଶ୍ରୀ ସିରୋଜିଦ୍ଦିନ ମୁହ୍ରିଦ୍ଦିନଙ୍କ ଆମନ୍ତ୍ରଣ କ୍ରମେ ଏସସିଓ ବା ସାଂଘାଇ ସହଯୋଗ ସଂଗଠନର ବୈଦେଶିକ ମନ୍ତ୍ରୀସ୍ତରୀୟ ପରିଷଦ ବୈଠକରେ ଯୋଗଦେବା ପାଇଁ 13-14 ଜୁଲାଇରେ ଦୁଶାନବେ ଗସ୍ତ କରିବେ। ଏହି ବୈଠକରେ ଏସସିଓ ପ୍ରତିଷ୍ଠାର 20 ତମ ବାର୍ଷିକୀ ପାଳନ ଅବସରରେ ଏହି ସଂଗଠନର ସଫଳତା ଉପରେ ଆଲୋଚନା ହେବ। 16-17 ସେପ୍ଟେମ୍ବର 2021 ରେ ଦୁଶାନବେଠାରେ ଅନୁଷ୍ଠିତ ହେବାକୁ ଥିବା ଏସସିଓ ରାଷ୍ଟ୍ରମୁଖ୍ୟ ପରିଷଦ ବୈଠକ ପାଇଁ ପ୍ରସ୍ତୁତିର ସମୀକ୍ଷା ମଧ୍ୟ କରାଯିବ ଏବଂ ସାମ୍ପ୍ରତିକ ଆନ୍ତର୍ଜାତୀୟ ତଥା ଆଞ୍ଚଳିକ ପ୍ରସଙ୍ଗରେ ମତ ବିନିମୟ ହେବ।

ଆଫଗାନିସ୍ତାନ ପ୍ରସଙ୍ଗରେ ଗଠିତ ଏସସିଓ ସମ୍ପର୍କ ଗୋଷ୍ଠୀର 14 ଜୁଲାଇ 2021 ରେ ଅନୁଷ୍ଠିତ ହେବାକୁ ଥିବା ବୈଠକରେ ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍ ଜୟଶଙ୍କର ଅଂଶଗ୍ରହଣ କରିବେ। ଏଥିରେ ଆଫଗାନିସ୍ତାନ ସରକାର ଯୋଗଦେବେ।

ନୂଆଦିଲ୍ଲୀ

ଜୁଲାଇ 12, 2021

DISCLAIMER: This is an approximate translation. The original is available in English on MEA's website and may be referred to as the official press release.